# ଓଡ଼ିଆ ଅସ୍ମିତାର ଦ୍ୱିତୀୟ ପର୍ବ

୫ ନଭେମ୍ବର, ୨୦୧୧ ଓଡ଼ିଶା ଇତିହାସରେ ଏକ ଉଲ୍ଲେଖନୀୟ ତାରିଖ ହୋଇ ରହିବ। ୧୯୩୬ ମସିହା ଏପ୍ରିଲ ୧କୁ ଯଦି ଓଡ଼ିଆ ଅସ୍ମିତାର ପ୍ରଥମ ପର୍ବ ବୋଲି କୁହାଯିବ, ତା' ହେଲେ ଏହାକୁ ଓଡ଼ିଆ ଅସ୍ମିତାର ଦ୍ୱିତୀୟ ପର୍ବ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ତେବେ ଓଡ଼ିଆ ଅସ୍ମିତାର ଦ୍ୱିତୀୟ ପର୍ବ ପାଳନ ବେଳେ ଯେଉଁ ଆନନ୍ଦ, ଉଲ୍ଲାସ ତଥା ଜାତୀୟ ଚେତନାର ଉଷ୍ମତା ପରିଲକ୍ଷିତ ହେବା କଥା, ତାହା ହୋଇ ନାହିଁ। ପ୍ରଥମ ପର୍ବର ଚେତନା ଓ ଉଲ୍ଲାସ ଆମେ କେବଳ ଇତିହାସ ବହିରୁ ପଢ଼ିଛେ। ଉତ୍କଳ ସମ୍ମିଳନୀ ଏବଂ ମଧୁସୂଦନ, ରାଧାନାଥ, ଗଂଗାଧର, ଫକୀର ମୋହନ ଆଦିଙ୍କ ସଂଗ୍ରାମ ଓ ଅବଦାନ ସଂପର୍କରେ ଊଣା ଅଧିକେ ଜାଣିଛେ। ଭାରତର ଜାତୀୟ ଆନ୍ଦୋଳନ ଏବଂ ଓଡ଼ିଶାର ଭାଷାଭିତ୍ତିକ ଜାତୀୟ ଚେତନା ମଧ୍ୟରେ ବିରୋଧାଭାସ କଥା ମଧ୍ୟ ଆଲୋଚିତ ହୋଇଛି। ଏସବୁ ସତ୍ତ୍ୱେ, ବ୍ରିଟିଶ ସାମ୍ରାଜ୍ୟବାଦର ମୁକାବିଲା କରି ଭାଷାଭିତ୍ତିକ ପ୍ରଦେଶ ଗଠନରେ ଆମ ନେତାମାନେ ସଫଳ ହୋଇଥିଲେ। ଏହା ସେମାନଙ୍କର ଏକ ଉଲ୍ଲେଖନୀୟ ସଫଳତା ଥିଲା।

ଆଜି ଓଡ଼ିଆ ଅସ୍ମିତାର ଦ୍ୱିତୀୟ ପର୍ବ ପାଳନ ସରକାରୀ ଛୁଟି, ଆତସବାଜି, ମିଷ୍ଟାନ୍ନ ବଣ୍ଟନ ଏବଂ ଭାଷଣବାଜି ମଧ୍ୟରେ ହିଁ ସୀମିତ ରହିଯାଇଛି। ପ୍ରଥମ ପର୍ବ ସମୟର ନା ଚେତନା ଅଛି ନା ଉଲ୍ଲାସ। କାହିଁକି ବା ରହିବ? କଣ ଗୋଟେ ହେଲା ଯେ ସାରା ଓଡ଼ିଶା ଆନନ୍ଦ, ଉଲ୍ଲାସରେ ମାତିବ? ଆଗରୁ ଇଂରାଜୀରେ 'ଓଡ଼ିଶା' ଓ 'ଓଡ଼ିଆ'କୁ ଯେପରି ଲେଖା ଯାଉଥିଲା, ଏବେ ତାକୁ ଭିନ୍ନ ଢଙ୍ଗରେ ଲେଖିବାକୁ ହେବ। ଏ ପରିବର୍ତ୍ତନରେ ଆମ ଓଡ଼ିଶାର କଣ ଲାଭ ହେଲା? ଏହା ହିଁ ଆମ ବିଚାରରେ ଏକ ମୌଳିକ ପ୍ରଶ୍ନ। ଓଡ଼ିଶାର ଅଧାରୁ ଅଧିକ ଲୋକ ଏ ପ୍ରଶ୍ନ

## ଆମ ଘରର ହାଲଚାଲ

ସୌମ୍ୟରଂଜନ ପଟ୍ଟନାୟକ

ସଂପର୍କରେ ସଚେତନ ନୁହଁନ୍ତି। ଆଉ ଯେଉଁମାନେ ଏ ପ୍ରଶ୍ନକୁ ବୁଝି, ବୁଝାଇବାର ସାମର୍ଥ୍ୟ ରଖନ୍ତି, କେଜାଣି କାହିଁକି ନିଜ ନିଜର ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ନୀରବ ରହିବାକୁ ଉଚିତ ମନେ କରୁଛନ୍ତି। ଆମ ବିଚାରରେ ଓଡ଼ିଆ ଅସ୍ମିତାର ଦ୍ୱିତୀୟ ପର୍ବ ପାଳନର ପ୍ରାସଙ୍ଗିକତା ଆଜିର ନୂଆ ପିଢ଼ିକୁ ଆନ୍ଦୋଳିତ କରୁ ନାହିଁ କି ସେମାନେ ଉଲ୍ଲସିତ ହେଉ ନାହାନ୍ତି। ଏହା ହିଁ ଆଜିର ମୁଖ୍ୟ ପ୍ରସଙ୍ଗ।

୧୯୩୬ ମସିହାରେ, ଇଂରେଜମାନେ ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶ କଲେ ସିନା, ସେମାନେ ତାଙ୍କ ଢଙ୍ଗରେ ତାର ବନାନ ଲେଖିଲେ। ଆମ ଉଚ୍ଚାରଣ ଅନୁସାରେ, ଆମ ଢଙ୍ଗରେ 'ଓଡ଼ିଶା' ଲେଖିବା କଥା ଆମ ମନକୁ ଜୁଟିଲା ନାହିଁ। ୭୫ ବର୍ଷରୁ ଅଧିକ ସମୟ ଲାଗିଲା ଏହି ଛୋଟିଆ କଥାଟିକୁ ଆନୁଷ୍ଠାନିକ ସ୍ୱୀକୃତି ଦେବା ପାଇଁ। ସେଥିରେ ବି ଏହା ସମ୍ପୂର୍ଣ୍ଣ ବିବାଦମୁକ୍ତ ହୋଇ ରହି ପାରିଲା ନାହିଁ।

ଏସବୁ ଆମ ଜାତୀୟ ଜୀବନର ଦୁଇଟି ଦୁର୍ବଳତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଆମେ ଓଡ଼ିଆ ଜାତି ବୋଲି ଯେଉଁ ପରିଚୟ ଦାବି କରୁଛେ, ସେ ନେଇ ଗୋଟିଏ ମୌଳିକ ଅଭାବ ରହିଯାଉଛି। କୌଣସି ମୌଳିକ ପ୍ରସଙ୍ଗରେ ଦଳ, ମତ ନିର୍ବିଶେଷରେ ଆମେ ସହମତି ପ୍ରକାଶ କରିପାରୁ ନାହୁଁ। ଦ୍ୱିତୀୟରେ, ଭାଷାକୁ ନେଇ ଆମେ ଯେଉଁ ଜାତି ଗଠନ କଥା କହୁଛୁ, ତାହା ସମସ୍ତଙ୍କ ଦ୍ୱାରା ଗ୍ରହଣୀୟ ହେଉନାହିଁ। ପୁଣି ଆମ ସମୟର ସଦା ମହତ୍ତ୍ୱାକାଂକ୍ଷୀ ମଧ୍ୟବିତ୍ତମାନେ ଏହାର ପ୍ରାସଙ୍ଗିକତାକୁ ସ୍ୱୀକାର କରୁ ନାହାନ୍ତି। ତାହା ନ ହୋଇଥିଲେ, ଭାଷା ଜାଣି ନଥିବା ଜଣଙ୍କୁ ବାରମ୍ବାର ଶାସନମୁଖ୍ୟ ଭାବରେ ନିର୍ବାଚିତ କରନ୍ତେ ନାହିଁ। ଓଡ଼ିଶା ହିଁ ସମ୍ଭବତଃ ସାରା ଦେଶରେ ଏକମାତ୍ର ରାଜ୍ୟ, ଯେଉଁଠି ସାଧାରଣ ଲୋକଙ୍କର ଭାଷା ନ ଜାଣି ମଧ୍ୟ ଜଣେ ନିର୍ଦ୍ୱନ୍ଦ୍ୱରେ ଶାସନ କରିପାରୁଛି। ପ୍ରଶାସନ ଏହି ଦୁର୍ବଳତାର ସୁଯୋଗ ନେଇ ଭାଷାର ଅବହେଳା କରି ଚାଲିଛି। ଫଳରେ ଗତ କେତେ ବର୍ଷ ଧରି ନୂତନ ପିଢ଼ି ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତିଠାରୁ ଦୂରେଇ ଯାଉଛି। ଏହା ଆମ ପାଇଁ ଆଜି ସବୁଠାରୁ ବଡ଼ ବିଡ଼ମ୍ବନା। ଏହି ମାନସିକତା ଯଦି ଆଉ କିଛି ବର୍ଷ ଧରି ଅପରିବର୍ତ୍ତିତ ରହେ, ତା' ହେଲେ ଓଡ଼ିଆ ଭାଷାର ଅବସ୍ଥା କଣ ହେବ, ସହଜରେ ଅନୁମାନ କରିହେବ। ଓଡ଼ିଶା ଏକ ବହୁଭାଷୀ ରାଜ୍ୟରେ ପରିଣତ ହେବାକୁ ଯାଉଛି। ଉପକୂଳ ଓ କୋଶଳ ବିଭାଜନ ତ ଏବେ ବି ଆମକୁ ଭାରାକ୍ରାନ୍ତ କରୁଛି। ଅନ୍ୟ ଦୃଷ୍ଟିରୁ ଦେଖିଲେ, ଆମ ଓଡ଼ିଶା ବସ୍ତୁତଃ ଦୁଇଟି ଓଡ଼ିଶାରେ ବିଭାଜିତ ହେବ। ଗୋଟିଏ ଓଡ଼ିଶାର ନିୟନ୍ତ୍ରଣ ମୁଷ୍ଟିମେୟ ଲୋକଙ୍କ ହାତରେ ଥିବ, ଯେଉଁମାନେ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପାଠପଢ଼ି ନା ଓଡ଼ିଆ ଜାଣିଥିବେ ବା ଜାଣିବାକୁ ଚେଷ୍ଟା କରୁଥିବେ। ସେମାନଙ୍କର ଲକ୍ଷ୍ୟ ସାଧନରେ ଓଡ଼ିଆ ଭାଷାର ଭୂମିକା କିଛି ନଥିବ। ଆଉ ଗୋଟିଏ ଓଡ଼ିଶା- ଯେଉଁଥିରେ କିଛି ଅକ୍ଷର ଶିଖିଥିବା ଅଥଚ ବର୍ଣ୍ଣଶୁଦ୍ଧି ନଥିବା ସଂଖ୍ୟାଧିକ ତଥାକଥିତ ଓଡ଼ିଆ ଥିବେ। ସେମାନେ ସରକାରୀ ସ୍କୁଲରେ ଦି' ଟଙ୍କିଆ ଚାଉଳ, ବିଷାକ୍ତ ଡାଲି ଖାଇ, ଶିକ୍ଷକଙ୍କ ଅବର୍ତ୍ତମାନରେ ଶିକ୍ଷା ସହାୟକଙ୍କ ଦ୍ୱାରା 'କଟକ ନଗର ଧବଳ ଟଗର' ଭଳି ଓଡ଼ିଆ ଶିଖିଥିବେ। ଏମାନଙ୍କୁ ନେଇ କେଉଁ ଜାତୀୟ ଚେତନା କଥା ଚିନ୍ତା କରାଯିବ? ଏହି ଦୁଇ ଓଡ଼ିଶା ଭିତରେ ଯେଉଁ ସଂଗ୍ରାମ ଚାଲିବ, ତାହା ଆମ ଓଡ଼ିଶାର ସାମାଜିକ ବ୍ୟବସ୍ଥାକୁ ଯେ ବିପର୍ଯ୍ୟସ୍ତ କରିଦେବ, ଏଥିରେ ଆମର ତିଳେମାତ୍ର ସଂଦେହ ନାହିଁ।

ଓଡ଼ିଆ ଅସ୍ମିତାର ଦ୍ୱିତୀୟ ପର୍ବ ପାଳନ ବେଳେ, ଏ ପ୍ରସଙ୍ଗକୁ ଟିକିଏ ଗଭୀର ଭାବରେ ଚିନ୍ତା କରିବାର ସମୟ ଏବେ ଆସିଛି।